# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30 August - 2024**

**News Editor : *Tapan Kumar Moharan***

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଶିଳ୍ପାୟନର ପ୍ରଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ; କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକରେ ଚଳିତବର୍ଷ ୪୧୩ କୋଟି ଟଙ୍କାର ବଜେଟ୍‌କୁ ମିଳିଲା ଅନୁମୋଦନ
- ଅର୍ଥ ଅଭାବରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାର ଏକ ନୂଆ ଯୋଜନା ପ୍ରସ୍ତୁତ କରୁଛନ୍ତି; କହିଲେ ଉଚ୍ଚଶିକ୍ଷାମନ୍ତ୍ରୀ
- ଭାଦ୍ରବ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ପ୍ରଭୁ ଶ୍ରୀବଳଭଦ୍ରଙ୍କର ପ୍ରଳମ୍ବାସୁର ବଧ ନୀତି

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ

# ରିସ୍‌ଜେଣ୍ଟ ଓଡ଼ିଶା-୨୦୨୪

ରାଜ୍ୟରେ ଶିଳ୍ପାୟନର ପ୍ରଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଜନତା ମୈଦାନରେ ଗ୍ଲୋବାଲ୍ ଟ୍ରେଡ୍ ସୋ' **ରିସ୍‌ଜେଣ୍ଟ ଓଡ଼ିଶା-୨୦୨୪**କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ହେଉଛନ୍ତି ଲୋକଙ୍କର ସରକାର। ସାଧାରଣ ଶିକ୍ଷା ସହ ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପାୟନ ସହ ଆଗକୁ ବଢ଼ାଇବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଏବଂ କୃଷି ଭିତ୍ତିକ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଶିଳ୍ପାୟନ ବୃଦ୍ଧି ପାଇଲେ ଯୁବକ-ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ପୂର୍ବୋଦୟ ବିକାଶରେ ଓଡ଼ିଶା ଅନ୍ୟରାଜ୍ୟ ତୁଳନାରେ ସବୁଠାରୁ ଆଗରେ ରହିବ। ରାଜ୍ୟ ସରକାର ଶିଳ୍ପ ସଂସ୍ଥାଗୁଡ଼ିକର ଭିତ୍ତିଭୂମିର ବିକାଶ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କର ଉଦ୍‌ବୋଧନରେ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଉତ୍କର୍ଷ ଓଡ଼ିଶା ନିବେଶକ ସମ୍ମିଳନୀ ଜରିଆରେ ୨୦୨୯ ମସିହା ସୁଦ୍ଧା ରାଜ୍ୟରେ ୨ ଲକ୍ଷ ୫୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ୨ ବିଲିୟନ୍ ଟଙ୍କାର ବୈଦେଶିକ ପୁଞ୍ଜିନିବେଶ ଆଣିବା ପାଇଁ ସରକାର ଯୋଜନା କରୁଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶର ରପ୍ତାନୀରେ ଓଡ଼ିଶାର ଅଂଶ ୨ ଦଶମିକ ୫ ପ୍ରତିଶତ ଥିବାବେଳେ ୨୦୪୭ ମସିହା ସୁଦ୍ଧା ଓଡ଼ିଶାକୁ ରପ୍ତାନୀ

କ୍ଷେତ୍ରରେ ତୃତୀୟ ସ୍ଥାନକୁ ଆଣିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ସବୁଜ ଉଦ୍‌ଯାନ ସେମି କଣ୍ଡକ୍ଟର ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି।

## ପରିଚାଳନା କମିଟି ବୈଠକ

**ପୁରୀ** ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶେଷ ହୋଇଛି। ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ୪୧୩ କୋଟି ଟଙ୍କାର ଶ୍ରୀମନ୍ଦିର ବଜେଟକୁ ଅନୁମୋଦନ ମିଳିଛି। ୧୦୩ କୋଟି ଟଙ୍କାର ବଳକା ବଜେଟ୍ ଚଳିତ ଥର ବୈଠକରେ ପାରିତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡକୁ ବୈଠକରେ ସ୍ୱାଗତ କରାଯାଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଆଲୋଚନା ହୋଇଥିବାବେଳେ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସେବା ସମ୍ପୃକ୍ତ ନିଯୋଗ ସହ ଅଧିକ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି।

ଶ୍ରୀମନ୍ଦିର ନୀତି ଶୃଙ୍ଖଳିତ କରିବା ଏବଂ ନିୟମିତ ନୀତି ସବକମିଟି ବୈଠକ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଏଫ୍-ଏମ୍ ରେଡିଓ ଚ୍ୟାନେଲ ପ୍ରତିଷ୍ଠା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ ଆଡ଼ପମଣ୍ଡପ ପହଣ୍ଡି ଅଘଟଣ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ପହଣ୍ଡି ସୁପରିଚାଳନା ନେଇ ନଅ ଗୋଟି ଦିଗ ଉପରେ ଆଲୋଚନା ହୋଇଥିଲା ବୋଲି ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ୟୁଜି-ପିଜି ଷ୍ଟୁଡେଣ୍ଟସ୍ ଯୋଜନା

ଅର୍ଥ ଅଭାବରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ରାଜ୍ୟ ସରକାର ଚଳିତ ବର୍ଷଠାରୁ ସ୍ନାତକ ଏବଂ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବେ । ସରକାରଙ୍କ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ବିଧାନସଭାରେ କହିଛନ୍ତି ।  ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ନାମରେ ଏକ ସଂଗଠିତ ଯୋଜନା ଉଚ୍ଚଶିକ୍ଷା ବିଭାଗ ମାଧ୍ୟମରେ ପ୍ରଚଳନ କରିଛନ୍ତି । ଇ-ମେଧାବୃତ୍ତି, ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଏବଂ  ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାକୁ ଏହି ସଂଗଠିତ ଯୋଜନା ମଧ୍ୟରେ ରଖାଯାଇଛି ।

## ସୁଭଦ୍ରା ଯୋଜନା

ମହିଳାମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଏବଂ ସମାଜରେ ସେମାନଙ୍କୁ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ଲାଗୁ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ଯୋଜନା ସମ୍ପର୍କିତ ମାର୍ଗଦର୍ଶିକା ଜାରି କରାଯାଇଛି। ହିତାଧିକାରୀମାନଙ୍କୁ ସୁଭଦ୍ରା ଯୋଜନା ବାବଦରେ ସଠିକ୍ ସୂଚନା ପ୍ରଦାନ, ଆବେଦନ ପ୍ରକ୍ରିୟାକୁ ସଠିକ୍ ଭାବେ ନିର୍ବାହ କରିବା ପାଇଁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି।

## ବିଧାନସଭା-ଖର୍ଚ୍ଚଦାବି

ବିଧାନସଭାର ଅପରାହ୍ନ ଅଧିବେଶନରେ ଆଜି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିଳ୍ପବିଭାଗ ପାଇଁ ୮୬୭ କୋଟି ୮୪ଲକ୍ଷ ୯୭ହଜାର ଟଙ୍କାର ଖର୍ଚ୍ଚଦାବି ଆଗତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ୭୪୭ କୋଟି ୪୭ଲକ୍ଷ ୭୩ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହର ଅନୁମୋଦନ ଲାଗି ଆଗତ କରିଥିଲେ। ଉଭୟ ବିଭାଗର ଖର୍ଚ୍ଚଦାବି ଉପରେ ଗୃହରେ ଆଲୋଚନା ଜାରି ରହିଛି।

## ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା

ମହିଳାମାନଙ୍କ ପାଇଁ ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟ ସମେତ ସର୍ବସାଧାରଣ ସ୍ଥାନମାନଙ୍କରେ ସ୍ତନ୍ୟପାନ କରାଇବା ପାଇଁ ସ୍ତନ୍ୟପାନ କକ୍ଷ

ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଅବଗତ କରାଯାଇଛି। ମା'ମାନଙ୍କୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି।

## କୌଶଳ ରଥ

**ବୌଦ୍ଧ** ଜିଲ୍ଲାରେ ଦକ୍ଷତା ବିକାଶ ଓ ନିଯୁକ୍ତି ସଚେତନତା ବାର୍ତ୍ତା ନେଇ କୌଶଳ ରଥ ତୃତୀୟ ଦିନରେ ହରଭଙ୍ଗା, ପୁରୁଣା କଟକ, ବଘିଆପଡ଼ା ଆଦି ଅଞ୍ଚଳ ପରିକ୍ରମା କରିଛି। ଦକ୍ଷତା ବୃଦ୍ଧି ଓ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନତା କରିବା ନେଇ ଜିଲ୍ଲାରେ ଏହି ରଥ ୨୮ ତାରିଖରୁ ତାର କାର୍ଯ୍ୟକ୍ରମ ଆରମ୍ଭ କରିଛି।

## ଦୁର୍ଘଟଣା-ବୈଠକ

**ବୌଦ୍ଧ** ଜିଲ୍ଲାରେ ବୃଦ୍ଧି ପାଉଥିବା ସଡକ ଦୁର୍ଘଟଣାକୁ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ବୃଦ୍ଧି ପାଉଥିବା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ନେଇ ଜିଲ୍ଲା ସଡକ ସୁରକ୍ଷା କମିଟିର ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜାତୀୟ ରାଜପଥରେ ଦୁର୍ଘଟଣାସ୍ଥଳଗୁଡ଼ିକୁ ଚିହ୍ନଟ କରି ଗାଡି ଚାଳକମାନଙ୍କ ପାଇଁ ଉପଯୁକ୍ତ ସୂଚନା ଫଳକ ଲଗାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଗାଡ଼ି ଚାଳନାକୁ ଶୃଙ୍ଖଳିତ ଏବଂ  ଟ୍ରାଫିକ୍ ନିୟମ କଡାକଡି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

## ଚଳଚ୍ଚିତ୍ର ବୈଠକ

କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ପକ୍ଷରୁ କଟକଠାରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୋର୍ଡର ଆଞ୍ଚଳିକ ଅଧିକାରୀ ତଥା ପିଆଇବି ଓ ସିବିସିର ନିର୍ଦ୍ଦେଶକ ଡକ୍ଟର ଗିରିଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାରତ ସରକାରଙ୍କ 'ସୁଗମ୍ୟ ଭାରତ ଅଭିଯାନ ୨୦୧୫' ଅନ୍ତର୍ଗତ ଭିନ୍ନକ୍ଷମମାନଙ୍କ ପାଇଁ କୋଠାବାଡ଼ିଠାରୁ ଆରମ୍ଭ କରି ଯାତାୟାତ ବ୍ୟବସ୍ଥାରେ ସୁଗମତା ସୁନିଶ୍ଚିତ କରିବା ଉପରେ ସୂଚନା ଦେଇଥିଲେ । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶ୍ରବଣ ଓ ଦୃଷ୍ଟିବାଧିତଙ୍କ ପାଇଁ ପ୍ରେକ୍ଷାଳୟରେ ଫିଚର୍ ଫିଲ୍ମର ସାର୍ବଜନୀନ ପ୍ରଦର୍ଶନ କ୍ଷେତ୍ରରେ ସୁଗମତା ମାର୍ଗଦର୍ଶିକା ଗତ ୧୫ ମାର୍ଚ୍ଚ ମାସରେ ପ୍ରକାଶ ପାଇଛି ।

## ପ୍ରଲମ୍ବାସୁର ବଧ

ଭାଦ୍ରବ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଆଜି  ପୁରୀ ଶ୍ରୀମନ୍ଦିରରେ ପ୍ରଲମ୍ବାସୁର ବଧ ନୀତି ଅନୁଷ୍ଠିତ ହେଉଛି । ଶ୍ରୀଜୀଉମାନଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏହି ବେଶ ପ୍ରସ୍ତୁତି ଆରମ୍ଭ ହୋଇଛି ।  ଏହି ବେଶରେ ପ୍ରଭୁ ଶ୍ରୀବଳଭଦ୍ରଙ୍କ ଏକ ହସ୍ତରେ ହଳ ଓ ଅନ୍ୟ ହସ୍ତରେ ମୁଷଳ ଶୋଭା ପାଇବ । ୪ ଫୁଟ ଉଚ୍ଚତାର ଏକ କାଠ ନିର୍ମିତ ପ୍ରଲମ୍ବାସୁର ମୂର୍ତ୍ତି ବଳଭଦ୍ରଙ୍କ ନିମ୍ନଭାଗରେ

ରଖାଯିବ । ଶ୍ରୀବଳଭଦ୍ରଙ୍କ ଏହି ଦୁର୍ଲଭ ବେଶ ଦେଖିବା ପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ, ଗତକାଲି ଭାଦ୍ରବ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ରତ୍ନ ସିଂହାସନ ଉପରେ ଶ୍ରୀଜୀଉଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହୋଇଥିଲା ।

## ପାଣିପାଗ

କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅଧିକ ଘନୀଭୂତ ହୋଇଥିବାରୁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ପରିମାଣ ବୃଦ୍ଧି ପାଇବା ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ରବିବାର ପର୍ଯ୍ୟନ୍ତ ବର୍ଷା ପରିମାଣ ଅଧିକ ରହିବ । ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, ଗଞ୍ଜାମ, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । କୋରାପୁଟ ଏବଂ ଗଜପତି ଜିଲ୍ଲାରେ ସ୍କୁଲ୍ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଛି ।

ଉପରମୁଣ୍ଡରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଜଳଧାରଣ କ୍ଷମତାକୁ ଦୃଷ୍ଟିରେ ରଖି ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ପୁଣି ୪ଟି ଗେଟ୍ ଖୋଲିଛନ୍ତି । ମୋଟ୍ ୬ଟି ଗେଟ୍ ମଧ୍ୟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି ।

## ସୁଭଦ୍ରା ଯୋଜନାର ସୁଫଳ

ଏଇମାତ୍ର ହସ୍ତଗତ ହୋଇଥିବା ସୂଚନା ଅନୁସାରେ, କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀମାନେ ସୁଭଦ୍ରା ଯୋଜନାରେ ସହାୟତା ରାଶି ପାଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି।

*********************************